# Akashvani, Sambalpur

## SAMBALPURI NEWS EVENING BULLETIN

**25 December 2025- 7.02 pm- 7.12 pm.**

*********************************************

୧- ସାନ୍ତାଳି ଭାଷାଥି ଭାରତୀୟ ସମ୍ବିଧାନ୍‌ର ଉନ୍ମୋଚନ୍ କଲେ ରାଷ୍ଟ୍ରପତି ।

୨- ସୁଶାସନ୍ ଆର୍ ଉତମ୍ ସେବା ଦିଗେ ଅଟଲ୍‌ଜୀ ଆମର୍ ପ୍ରେରଣା- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଉତର୍‌ପ୍ରଦେଶ୍‌ର ଲକ୍ଷ୍ନୌ ନ ରାଷ୍ଟ୍ରୀୟ ସାଧନା ସ୍ଥଲ୍‌ର କଲେ ଉଦ୍‌ଘାଟନ୍ ।

- ବାଜପେୟୀଙ୍କର୍ ସୁଶାସନ୍‌ର ମୂଳମନ୍ତ୍ର ଆଧାର୍‌ଥି ସର୍‌କାର୍ ରାଜ୍ୟର୍ ବିକାଶ୍ ଲାଗି କାମ୍ କରୁଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

୩- ସାରା ଦେଶେ ଉସତ୍ ଉସ୍‌ନାକିଥି ଖ୍ରୀଷ୍ଟଧର୍ମାବଲମ୍ବୀ ମାନେ ପାଳନ୍ କରୁଛନ୍ ବଡ଼ଦିନ୍ ।

ଆଉର୍

୪- ବର୍‌ଗଡ଼୍ ଧନୁଯାତ୍ରାର୍ ୨ ନମ୍ବର୍ ଦିନେ ମହାରାଜ୍ କଂସଙ୍କର୍ ରଙ୍ଗମହଲ୍ ଉଦ୍‌ଘାଟିତ୍ ।

ସାନ୍ତାଳି ଭାଷା- ସମ୍ବିଧାନ ପି.ଆଇ.ବି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ୍ ପରିସର୍ ନ ଆଏଜ୍ ସାନ୍ତାଳି ଭାଷାଥି ଭାରତୀୟ ସମ୍ବିଧାନ୍‌ର ଉନ୍ମୋଚନ୍ କରିଛନ୍ । ସମ୍ବିଧାନ୍‌କେ ଅଲ୍‌ଚିକି ଲିପିଥି ଅନୁବାଦ୍ କରାଯାଇଛେ । ସମାରୋହଥି ଉଦ୍‌ବୋଧନ୍ ଦେଇକରି ରାଷ୍ଟ୍ରପତି କହିଛନ୍, ଇ ବଛର୍ ଅଲ୍‌ଚିକି ଲିପିର ଶହେ ବଛର୍ ପୁରା ହେଇଛେ । ଏନ୍ତା ସମିଆଥି ସାନ୍ତାଳି ଭାଷାଥି ଭାରତୀୟ ସମ୍ବିଧାନ୍ ଲେଖାଯିବାର୍‌ଟା ସାନ୍ତାଳି ସମ୍ପ୍ରଦାୟର୍ ଲୁକ୍‌କର୍ ଲାଗି ଗୁଟେ ଗର୍ବର୍ ବିଷୟ ଆଏ ବଲି ରାଷ୍ଟ୍ରପତି କହିଛନ୍ । ଇଥିର୍‌ଲାଗି କେନ୍ଦ୍ର ଆଇନ୍ ମନ୍ତ୍ରୀଙ୍କୁ ରାଷ୍ଟ୍ରପତି ଧନ୍ୟବାଦ୍ ଜନେଇଛନ୍ । ଆଝିରର୍ କାର୍ଯ୍ୟକ୍ରମ୍‌ଥି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ଆଇନ୍‌ମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ବାଜପେୟୀ ଜୟନ୍ତୀ ଏନ୍‌ଏସ୍‌ଡି/ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଆଘର୍ ପ୍ରଧାନ୍‌ମନ୍ତ୍ରୀ ଭାରତ୍ ରତ୍ନ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଶହେ ୧ ନମ୍ବର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ସାରା ଦେଶେ ସୁଶାସନ୍ ଦିବସ୍ ପାଳନ୍ କରାଯାଉଛେ ।

ଦେଶ୍‌ବାସୀଙ୍କୁ ଫଟିକ୍ ଶାସନ୍ ବ୍ୟବସ୍ଥା ବାବ୍‌ଦେ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଫି’ ବଛର୍ ବାଜପେୟୀଙ୍କର୍ ଜନମ୍ ଦିନ୍‌କେ ସୁଶାସନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପ ରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ଅଲ୍‌ଗା ବରିଷ୍ଠ ନେତା ମାନେ ନୂଆଦିଲ୍ଲୀର୍ ସଦେଓ୍ୱ ଅଟଲ୍ ସ୍ମାରକୀ ନ ଫୁଲ୍‌ମାଲା ଅର୍ପଣ୍ କରିଛନ୍ ।

ବାଜପେୟୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଉତର୍‌ପ୍ରଦେଶ୍‌ର ଲକ୍ଷ୍ନୌ ଠାନେ ରାଷ୍ଟ୍ରୀୟ ସାଧନା ସ୍ଥଲ୍‌ର ଉଦ୍‌ଘାଟନ୍ କରିଛନ୍ । ରାଷ୍ଟ୍ରୀୟ ସାଧନା ସ୍ଥଲ୍ ନ ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁର୍ଖାଜୀ, ପଣ୍ଡିତ୍ ଦୀନ୍‌ଦୟାଲ୍ ଉପାଧାୟ ଆଉ ବାଜପେୟୀଙ୍କର୍ ୬୫ ଫୁଟ୍ ଉଚା କାଂସ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଗୁଟେ ଜନସଭାକେ ଉଦ୍‌ବୋଧନ୍ ଦେଇକରି ଦେଶ୍‌ର୍ ନିର୍ମାଣ୍ ଦିଗେ ଇ ରାଷ୍ଟ୍ରୀୟ ପ୍ରେରଣାସ୍ଥଲ୍ ଆମ୍‌କୁ ଡହଁକାବା । ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ମିଲିତ୍ ଚେରେଷ୍ଟାକେ ବଲ୍ ଦେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ-ଓୟୁଏଟି ପରିସର୍ ନ ହେଇଥିବା ରାଜ୍ୟସ୍ତରୀୟ ବାଜପେୟୀ ଜୟନ୍ତୀ ଆଉ ସୁଶାସନ୍ ଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ

ମୋହନ୍ ଚରଣ୍ ମାଝୀ  ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବାଜପେୟୀଙ୍କର୍ ସ୍ମୃତି ଚାରଣ୍ କରିଥିଲେ । ବାଜପେୟୀଙ୍କର୍ ସୁଶାସନ୍‌ର ମୂଳମନ୍ତ୍ରକେ ପାଥେୟ କରିକରି ସର୍‌କାର୍ ରାଜ୍ୟର୍ ସାଢ଼େ ୪ କୋଟି ଜନସାଧାରଣଙ୍କର୍ ସର୍ବାଙ୍ଗୀନ୍ ବିକାଶ୍ ଲାଗି ସଂକଳ୍ପ ବଦ୍ଧ ହେଇକରି କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

ଭୁବ୍‌ନେଶ୍ୱର ଲୋକ୍‌ସେବା ଭବନ୍ ନ ଆଏଜ୍ ସୁଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେଇକରି ଦେଶ୍ ନିର୍ମାଣ୍ ଦିଗେ ବାଜପେୟୀଙ୍କର୍ ଅବଦାନ୍‌କେ ସୁର୍‌ତା କରିଥିଲେ ।

ସୁଶାସନ୍ ଦିବସ୍ -ଜିଲ୍ଲା ବର୍‌ଗଡ଼୍/ ବୌଦ୍ଧ/ ସମ୍ବଲ୍‌ପୁର୍/ ଦେବ୍‌ଗଡ଼୍/ ସୁବର୍ଣ୍ଣପୁର୍

ସମ୍ବଲ୍‌ପୁର୍ ଜିଲ୍ଲା ବୁର୍ଲା ଠାନେ ସୁଶାସନ୍ ଦିବସ୍ ଆଉ ବାଜପେୟୀ ଜୟନ୍ତୀ ସମାରୋହ ହେଇଯାଇଛେ । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ବାଜପେୟୀଙ୍କର୍ ସୁଶାସନ୍ ମନ୍ତ୍ର ହିଁ ଓଡ଼ିଶାକେ ଗୁଟେ ସମୃଦ୍ଧ ଆଉ

ବିକଶିତ୍ ରାଜ୍ୟ ବନାବାର୍ ଦିଗେ ପ୍ରେରଣା ଦଉଛେ ବଲି କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍‌ସରେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଉପସ୍ଥିତ୍ ଥିଲେ ।

ବର୍‌ଗଡ୍ ଟାଉନ୍‌ହଲ୍ ପରିସର୍ ନ ଜିଲ୍ଲାସ୍ତରୀୟ ସୁଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସୁଶାସନ୍‌ର ଗୁରୁତ୍ୱ, ପ୍ରଶାସନ୍‌ର ଦାୟିତ୍ୱ ଆଉ ସାଧାରଣ୍ ଜନତାଙ୍କର୍ ଲାଗି ସର୍‌କାରୀ ସେବାର୍ ପ୍ରଭାବ୍ ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଗୁଟେ କବି ସମ୍ମିଲନୀ ହେଇଥିଲା । ସହରର୍ ବାଜପେୟୀ ବିଚାର୍ ମଂଚ୍ ତର୍‌ଫୁ ଭିଲ୍ ବାଜପେୟୀ ଜୟନ୍ତୀ ପାଲନ୍ କରାଯାଇଛେ ।

ବୌଦ୍ଧ ଜିଲ୍ଲା ସଂଗ୍ରହାଲୟ ନ ହେଇଥିବା ଜିଲ୍ଲାସ୍ତରୀୟ ସୁଶାସନ୍ ଦିବସ୍ ସମାରୋହଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବାଜପେୟୀଙ୍କର୍ ଜୀବନୀର୍ ସ୍ମୃତିଚାରଣ୍ କରାଯାଇଥିଲା ।

ଦେବ୍‌ଗଡ୍ ସଂସ୍କୃତିଭବନ୍ ପରିସର୍ ନ ହେଇଥିବା ସୁଶାସନ୍ ଦିବସ୍ ସମାରୋହଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି

ବାଜପେୟୀଙ୍କର୍ ଜୀବନଆଦର୍ଶ ବାବ୍‌ଦେ ଅତିଥି ମାନେ ବୁଝେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇକରି ପୁରସ୍କୃତ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ହେଇଥିବା ସୁଶାସନ୍ ଦିବସ୍ ସମାରୋହଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଆଉ ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାୟକ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ବାଜପେୟୀଙ୍କର୍ ଜୀବନୀ ଆଉ ଆଦର୍ଶ ଉପ୍‌ରେ ଗୁଟେ ଆଲୋଚନାଚକ୍ର ହେଇଥିଲା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍

ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା କାଏଲ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ବଡ଼ଦିନ ଆର୍‌ଏନ୍‌ୟୁ/ ସମ୍ବଲପୁର/ସୁବର୍ଣ୍ଣପୁର୍/ବୌଦ୍ଧ

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଜନମ୍ ଦିନ୍ ଅବ୍‌ସରେ ସାରା ରାଏଜେ ଉସତ୍ ଉସ୍‌ନାକିଥି ଆଏଜ୍ ପବିତ୍ର ବଡ଼ଦିନ ଉତ୍ସବ୍ ପାଲନ୍ କରାଯାଉଛେ । ବଡ଼ଦିନ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ପଶ୍ଚିମ ଓଡ଼ିଶାର୍ ସବୁ ଇଲାକା ସହେତେ ରାଏଜେ ଜାକ୍‌ଜମକ୍‌ଥି ବଡ଼ଦିନ୍ ପାଲନ୍ କରାଯାଉଛେ । ଚର୍ଚ୍ଚମାନ୍‌କେ ରଙ୍ଗିନ୍ ଲାଇଟ୍‌ଥି ସଜାଯାଇଛେ । ଗଲାକାଏଲ୍ ଅଧ୍‌ରାତିନୁ ଚର୍ଚ୍ଚ ମାନ୍‌କୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ଧରାବତରଣ୍‌କେ ସ୍ୱାଗତ୍ କରାଯାଇକରି ଖାସ୍ ପ୍ରାର୍ଥନା କରାଯାଇଛେ । ବଡ଼ଦିନ୍ ଅବ୍‌ସରେ ଚର୍ଚ୍ଚମାନ୍‌କୁ ଆଏଜ୍ ଦିନ୍‌ସାରା କାର୍ଯ୍ୟକ୍ରମ୍‌ମାନ୍ ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ମହକୁମା ସହେତେ ଉଲୁଣ୍ଡା, ତର୍‌ଭା ବାଗିର୍ ଜାଗାମାନ୍‌କେ ରହିଥିବା ଖ୍ରୀଷ୍ଟଧର୍ମୀ ସମ୍ପ୍ରଦାୟର୍ ଲୁକେ ବଡ଼ଦିନ୍ ପର୍ବର୍ ଶୁଭେଚ୍ଛା ଦିଆନିଆ କରିଛନ୍ । ଇ

ଅବ୍‌ସରେ ଭିନ୍ ଭିନ୍ ଚର୍ଚ୍ଚ ପରିସର୍ ନ ପ୍ରଭୁ ଯୀଶୁଙ୍କର୍ ତ୍ୟାଗ ଆର୍ ମହତ୍‌ବାଣୀ ଉପ୍‌ରେ ସମୂହ ପ୍ରାର୍ଥନା ପର୍ବ ଅନୁଷ୍ଠିତ୍ ହେଇଥିଲା ।

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବଡ଼ଦିନ୍ ପରବ୍ ଉସ୍‌ନାକିଥି ପାଲିତ୍ ହେଇଯାଇଛେ । ଜିଲ୍ଲାର୍ ଖ୍ରୀଷ୍ଟଧର୍ମ ସମ୍ପ୍ରଦାୟର୍ ଲୁକେ ପ୍ରଭୁ ଯୀଶୁଙ୍କର୍ ଧରାବତରଣ୍ ଉତ୍ସବ୍ ପାଲନ୍ କରିଛନ୍ ।

ନକ୍ସଲ୍ ନିହତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

କନ୍ଧମାଲ୍ ଜିଲ୍ଲାର୍ ତୁମୁଡ଼ିବନ୍ଧ ବ୍ଲକ୍ ବେଲ୍‌ଘର ପେଡ଼ମ୍ ଜଙ୍ଗଲ୍ ନ କମ୍ବିଂ ଅପରେସନ୍ ବେଲେ ସୁରକ୍ଷା ବାହିନୀର୍ ଗୁଲିମାଡ଼୍‌ଥି ୬ ଝନ୍ ନକ୍ସଲ୍‌ବାଦୀଙ୍କର୍ ଜୀବନ୍ ଯାଇଛେ । ହେଥିର୍‌ଭିତ୍‌ରେ ୨ ଝନ୍ ମହିଲା ନକ୍ସଲ୍ ଅଛନ୍ । ଘଟ୍‌ନାଉତ୍‌ରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରତିକ୍ରିୟା ଦେଇକରି କହିଛନ୍, ନକ୍ସଲ୍ ମୁକ୍ତ ଭାରତ୍ ଗଠନ୍ ଦିଗେ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଂଟ ଆଏ । ଆଏବା ମାଛ ମାସର୍ ଶେଷ୍‌ତକ୍ ନକ୍ସଲ୍‌ବାଦ୍‌କେ ଦୂର୍ କର୍‌ବାର୍ ଲାଗି ସର୍‌କାର୍ ସଂକଳ୍ପ ବଦ୍ଧ ଆନ୍ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ନକ୍ସଲ୍‌ମୁକ୍ତ ଭାରତ୍ ଗଠନ୍ ଅଭିଯାନ୍‌ଥି ଆଏଜ୍ ଓଡ଼ିଶା ଗୁଟେ ଉଲ୍ଲେଖନୀୟ ସଫଳତା ପାଇଛେ । ରାଜ୍ୟ ସର୍‌କାର୍ ଓଡ଼ିଶାକେ ପୁରାପୁରି ନକ୍ସଲ୍ ମୁକ୍ତ କର୍‌ବାର୍ ଲାଗି ଦୃଢ଼ ସଂକଳ୍ପ ନେଇଛନ୍ । ଶାନ୍ତି ଆଉ ପ୍ରଗତି ହିଁ ରାଜ୍ୟର୍ ଭବିଷ୍ୟତ୍ ଧାରିଜ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍-ରେଢ଼ାଖୋଲ୍ ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଢ଼ାଖୋଲ୍ ନ ଆଏଜ୍ ୨ ଶହ ୫୦ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ଇତାର୍ ଭିତ୍‌ରେ ରେଢ଼ାଖୋଲ୍ ଟ୍ରମାକେୟାର୍ ସେଂଟର୍ ରହିଛେ । ଇତାର୍‌ସହେତେ ହଲ୍‌ଦିଘାଟ୍ ନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର୍ ନୂଆଁ କୋଠାକେ ଶ୍ରୀ ପ୍ରଧାନ୍ ଉଦ୍‌ଘାଟନ୍ କରିଛନ୍ ।

ସାଂସଦ ଖେଲ୍ ମହୋତ୍ସବ ସମ୍ବଲପୁର ସମ୍ବାଦଦାତା

ସାଂସଦ ଖେଲ୍ ମହୋତ୍ସବ୍‌ର ରାଷ୍ଟ୍ରୀୟ ସମାପନ ଉତ୍ସବ ଅବ୍‌ସରେ ଆଏଜ୍ ସମ୍ବଲ୍‌ପୁର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲ୍‌ପୁର୍ ଜିଲ୍ଲାର୍ ଲୁକ୍‌କର୍ ଭିତ୍‌ରେ ଖେଲାଲି ମନୋଭାବ୍ ରହିଛେ । ଇ ମାଏଟ୍ ବହୁତ୍ ଉଚ୍ଚା ଦର୍‌ଜାର୍ ଖେଲାଲିଙ୍କୁ ଜନମ୍ ଦେଇଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍‌ଥି ସଫଲତା ପାଇଥିବା ଖେଲାଲିମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସାଂସଦ ଖେଲ୍ ମହୋତ୍ସବ୍‌ର          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ନ ଆଏଜ୍ ସାଂସଦ ଖେଲ୍ ମହୋତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ ଯୋଗ୍ ଦେଇକରି କୃତୀ ଖେଲାଲିମାନ୍‌କୁ ପୁରସ୍କୃତ୍ କରିଥିଲେ ।

ଧନୁଯାତ୍ରା ବରଗଡ଼୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଲାଗି ମଥୁରା ନଗରୀ ସାଜିଥିବା ବର୍‌ଗଡ଼୍ ସହର୍ ଆଉ ଗୋପପୁର ହେଇଥିବା ଅମାପାଲି ଗଜ୍‌ଗଜେଇ ଯାଉଛେ । ମଥୁରା ନଗରୀ ନ କଂସ ମହାରାଜ୍‌ଙ୍କର୍ ରାଜୁତିଥି ପ୍ରଜା ଥରହର ହଉଥିଲା ବେଲ୍‌କେ ଗୋପପୁର ନ କୃଷ୍ଣ ଲୀଲା ଦେଖିବାର୍‌କେ ଭକ୍ତମାନ୍‌କର୍ ଭିଡ଼୍ ଜମୁଛେ । ଧନୁଯାତ୍ରାର୍ ୨ ନମ୍ବର୍ ଦିନେ ଆଏଜ୍ ମହାରାଜା କଂସ ହାତୀଥି ବସିକରି ନଗର୍ ଭ୍ରମଣ୍ କରିଛନ୍ । ବର୍‌ଗଡ଼୍ ଲୋକମଣ୍ଡପ୍ ପଡ଼ିଆ ନ ଆଏଜ୍ ରଙ୍ଗମହଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉଦ୍‌ଘାଟନୀ ସମାରୋହଥି ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଆରକ୍ଷୀ ଅଧିକ୍ଷକ୍ ପ୍ରହ୍ଲାଦ୍ ସହାୟ ମୀନା ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ । ଆଏବା

କାଏଲ୍ ସଖାଲେ ଘନାକୁହୁଡ଼ି ହେବାର୍ ନେଇକରି ସୁନ୍ଦର୍‌ଗଡ଼୍, ଖୋର୍ଦ୍ଧା, ଢେଙ୍କାନାଲ୍, କୋରାପୁଟ୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।